## ଉପ-ଜିଲ୍ଲାପାଳ ଓ ଉପଖଣ୍ଡ ଅଧିକାରୀ ଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

### ଇସ୍ତାହାର

( ଅତ୍ର କାର୍ଯ୍ୟାଳୟ ର ଗାଡି ସଂଖ୍ୟା OR 02 AZ 0009 (JEEP) କୁ ନିଲାମ ନିମନ୍ତେ ଇସ୍ତାହାର )

ସଂଖ୍ୟା. ୪୪୨୪ / ତା. ୦୯.୦୮.୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଅତ୍ର କାର୍ଯ୍ୟାଳୟ ର ଗାଡି ସଂଖ୍ୟା OR 02 AZ 0009 (JEEP) କୁ ସର୍ବସାଧାରଣ ରେ ନିଲାମ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉ ଅଛି । କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଓଡିଶା, କଟକ ଙ୍କ ପତ୍ର ସଂଖ୍ୟା ୫୧୬୭/ତା୧୩.୦୬.୨୦୨୨ ରିଖ ଦ୍ୱାରା ଏହାର ସର୍ବନିମ୍ନ ମୂଲ୍ୟ ଟ.୬୦,୦୦୦/- ଧାର୍ଯ୍ୟ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ଏହି ଇସ୍ତାହାର ସହିତ ସଂଲଗ୍ନ ହୋଇଥିବା ସର୍ତ୍ତାବଳୀ ଅନୁଯାଇ ଫର୍ମ ପୂରଣ କରି ଅତ୍ର କାର୍ଯ୍ୟାଳୟ ରେ ଦାଖଲ କରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ ଦରଖାସ୍ତ ଦାଖଲ କଲେ ତାହା ଗ୍ରହଣ ଓ ବିଚାର କରାଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ କୁ ବାତିଲ କରାଯିବ । କୌଣସି କାରଣ ନ ଦର୍ଶାଇ ଉକ୍ତ ନିଲାମ ପ୍ରକ୍ରିୟା କୁ ରଦ୍ଦ ବା ସ୍ଥଗିତ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରିଙ୍କର ଅଛି । ନିମ୍ନ ନିଲାମ ସୂଚୀ ଅନୁଯାଇ ଦରଖାସ୍ତକାରି ଦରଖାସ୍ତ ଏବଂ ଆବଶ୍ୟକୀୟ କାଗଜାତ ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ଇଜିଲାସ ରେ ଧାର୍ଯ୍ୟ ତାରିଖ ରେ ଉପସ୍ଥିତ ରହି ନିଲାମ ରେ ଅଂଶ ଗ୍ରହଣ କରିବେ । ଯେଉଁ ବ୍ୟକ୍ତି ସର୍ତ୍ତାବଳୀ ଅନୁଯାଇ ଠିକ ଥିବେ ତାଙ୍କୁ ନିଲାମ ପ୍ରକ୍ରିୟା ରେ ଅଂଶ ଗ୍ରହଣ ପାଇଁ ସୁଯୋଗ ଦିଆଯିବ । ଯେଉଁ ବ୍ୟକ୍ତି ନିଲାମ ରେ ଅଂଶ ଗ୍ରହଣ କରି ସର୍ବୋଚ୍ଚ ମୂଲ୍ୟ ରେ ନିଲାମ ଡାକିବେ ତାଙ୍କୁ ଉକ୍ତ ପ୍ରକ୍ରିୟା ରେ ନିଲାମଧାରୀ ରୂପେ ଚୟନ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ନିଲାମ ପ୍ରକ୍ରିୟା ପାଇଁ ସମାନ ମୂଲ୍ୟ ଦର୍ଶାଇଥିଲେ ଲଟେରୀ ମାଧ୍ୟମ ରେ ନିଲାମଧାରୀ ଚୟନ କରାଯିବ ।

ସୂଚୀ

| ଦରଖାସ୍ତ ଗ୍ରହଣ ଓ ନିଲାମଧାରୀ ଚୟନର କାର୍ଯ୍ୟ ନିର୍ଘଣ୍ଟ | | | ନିଲାମ ହେବାକୁ ଥିବା ଗାଡି ର ସଂଖ୍ୟା | ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ |
|---|---|---|---|---|
| ତାରିଖ | ସମୟ | ସ୍ଥାନ | | |
| ୧୭.୦୮.୨୦୨୨ | ଦିବା ୧୧ ଘଟିକା | ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା | OR 02 AZ 0009 (JEEP) | ଟ.୬୦,୦୦୦/- |

ଏହି ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ www.khordha.nic.in ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏହି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ଙ୍କ କାର୍ଯ୍ୟାଳୟ ରୁ ସରକାରୀ କାର୍ଯ୍ୟ ଦିବସରେ ୧୦.୦୦ ଘଟିକା ଠାରୁ ୫.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ ।

(signature) ୦୯/୦୮/୨୨

ସହାୟକ ଜିଲ୍ଲାପାଳ
ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

## ସର୍ତ୍ତାବଳୀ

୧. ନିଲାମ ପ୍ରକ୍ରିୟା ରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଆବେଦନକାରୀ ଟ.୧୦୦୦/- ନଗଦ ଅମାନତ ରାଶି ଜମା କରିବେ । ନିଲାମଧାରୀ ଚୟନ ବ୍ୟକ୍ତିବିଶେଷଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ନିଲାମ ପ୍ରକ୍ରିୟା ଶେଷ ହେବାପରେ ଦାଖଲ କରିଥିବା ଅମାନତ ରାଶି କୁ ଫେରସ୍ତ କରାଯିବ ।

୨. ନିଲାମ ପ୍ରକ୍ରିୟାରେ ଅତ୍ର କାର୍ଯ୍ୟାଳୟର କୌଣସି କର୍ମଚାରୀ କିମ୍ବା କର୍ମଚାରୀଙ୍କ ସମ୍ପର୍କୀୟ ଭାଗ ନେଇପାରିବେ ନହିଁ । ନିଲାମ ପ୍ରକ୍ରିୟା ରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଆବେଦନକାରୀ, ଏ ସମ୍ପର୍କରେ ଏକ ନିଜସ୍ୱ ସତ୍ୟପାଠ ଦାଖଲ କରିବେ ।

୩. ନିଲାମଧାରୀ ଚୟନ ହୋଇଥିବା ବ୍ୟକ୍ତି ନିଲାମ ପ୍ରକ୍ରିୟା ଦିନ ନିଲାମ ପାଇଁ ଡ଼ାକିଥିବା ମୂଲ୍ୟ ର ୨୫% ରାଶି ସେହିଦିନ ଜମା କରିବେ ଏବଂ ଅବଶିଷ୍ଟ ୭୫% ରାଶି ୭ ଦିନ ମଧ୍ୟରେ ଜମା କରିବେ ।

୪. ଯଦି ନିଲାମ ପ୍ରକ୍ରିୟା ରେ ଅଂଶ ଗ୍ରହଣ କରିଥିବା ଆବେଦନକାରୀ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ଠାରୁ କମ ମୂଲ୍ୟ ରେ ନିଲାମ ଡାକନ୍ତି, ତେବେ ସଞ୍ଚାଳନ ଅଧିକାରୀ ଜଉମୁଦ ଲଫାପା ମାଧମ ରେ ପୁନଶ୍ଚ ନିଲାମ ପ୍ରକ୍ରିୟା ଆରମ୍ଭ କରିବେ ।

୫. ଯଦି ନିଲାମ ଚୟନଧାରୀ ୭ ଦିନ ମଧ୍ୟରେ ଅବଶିଷ୍ଟ ୭୫% ରାଶି ଜମା ନକରନ୍ତି ତେବେ ସେ ପୂର୍ବରୁ ଜମା କରିଥିବା ସମସ୍ତ ରାଶି କୁ ବ୍ୟାଜ୍ୟାପ୍ତି କରି ପୁନଶ୍ଚ ନିଲାମ ପ୍ରକ୍ରିୟା କରାଯିବ ।

୬. ଚୟନ ନିଲାମଧାରୀ ଧାର୍ଯ୍ୟ କରିଥିବା ମୂଲ୍ୟ ଜମା ନକରିବା ପର୍ଯ୍ୟନ୍ତ ଗାଡିଟିକୁ ହସ୍ତାନ୍ତର କରାଯିବ ନାହିଁ ।

୭. ଚୟନ ନିଲାମଧାରୀ ସମସ୍ତ ରାଶି ଜମା କରିବାର ୭ ଦିନ ମଧ ରେ ଗାଡିଟିକୁ ଅତ୍ର କାର୍ଯ୍ୟାଳୟ ରୁ ନେବାକୁ ହେବ, ଅନ୍ୟଥା ଧାର୍ଯ୍ୟ କରିଥିବା ମୂଲ୍ୟ ର ୧% ଭୂକର (ground rent) ଦୈନିକ ଦେବାକୁ ହେବ । ଗାଡିଟିର ସୁରକ୍ଷା ଦାୟିତ୍ୱ ଚୟନ ନିଲାମଧାରୀଙ୍କର ଅଟେ, ଏହାର ସୁରକ୍ଷା ସମ୍ପର୍କ ରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

୮. ଯଦି ଭୂକର, ଚୟନ ନିଲାମଧାରୀ ଧାର୍ଯ୍ୟ କରିଥିବା ମୂଲ୍ୟ ଠାରୁ ଅଧିକ ହୁଏ, ଜମା ହୋଇଥିବା ରାଶି କୁ ଭୂକର ରୂପେ କଟାଯିବ ଓ ଅତ୍ର ଗାଡି କୁ ପୁନଶ୍ଚ ସରକାରୀ ସମ୍ପତି ଭାବରେ ବିବେଚନା କରାଯିବ ।

ସହାୟକ ଜିଲ୍ଲାପାଳ

ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

ଜ୍ଞାପକ ସଂଖ୍ୟା. ୪୪୨୬ / ତା. ୦୧.୦୮.୨୦୨୨

ଏହାର ଏକ କିତା ନକଲ ଡି.ଆଇ. ଓ, ଖୋର୍ଦ୍ଧା ଙ୍କୁ ଜିଲ୍ଲା website ରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

ସହାୟକ ଜିଲ୍ଲାପାଳ

ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

ଅ.ପୃ.ଦେ

ଜ୍ଞାପକ ସଂଖ୍ୟା. ୪୪୨୨ / ତା. ୦୯.୦୫.୨୦୨୨

ଏହାର ଏକ କିତା ନକଲ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧାଙ୍କ ନୋଟିସ ବୋର୍ଡ/ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ତହସିଲଦାର/ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ/ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ପୌରାଞ୍ଚଳ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ଉପଲବ୍ଧ ନିମନ୍ତେ ପ୍ରେରଣା କରାଗଲା ।

୦୯/୦୫/୨୨

ସହାୟକ ଜିଲ୍ଲାପାଳ

ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

# ସରକାରୀ ଗାଡି ନିଲାମ ନିମନ୍ତେ ଆବେଦନ ପତ୍ର

୧. ଆବେଦନକାରୀଙ୍କ ନାମ :

୨. ପିତାଙ୍କ ନାମ :

୩. ସ୍ଥାୟୀ ଠିକଣା :

୪. ବର୍ତ୍ତମାନ ର ଠିକଣା :

୫. ପରିଚୟ ପ୍ରମାଣ ପତ୍ର ର ନକଲ :

(ଆଧାର କାର୍ଡ/ଭୋଟର କାର୍ଡ /ପ୍ୟାନ କାର୍ଡ /ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି)

୬. ମୋବାଇଲ ନମ୍ବର :

୭. ଜମା କରିଥିବା ଅମାନତ ରାଶି ର ପରିମାଣ:

ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

ସ୍ଥାନ :

ତାରିଖ :